# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 02 October – 2025

*********************************

## ମୁଖ୍ୟ ସମ୍ବାଦ

- ଶ୍ରଦ୍ଧା ଏବଂ ବିନମ୍ରତାର ସହ  ପାଳନ କରାଯାଉଛି ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ମହାନ ରାଷ୍ଟ୍ରନାୟକ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ
- ଅସତ୍ୟ ଉପରେ ସତ୍ୟ ଓ ଅନ୍ୟାୟ ଉପରେ ନ୍ୟାୟ  ବିଜୟର ନିଦର୍ଶନ ସ୍ୱରୂପ  ଆଜି ପାଳନ କରାଯାଉଛି ବିଜୟାଦଶମୀ ପର୍ବ

— ପୁରୀ ଶ୍ରୀମନ୍ଦିରରେ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ

ଏବଂ

- ବଙ୍ଗୋପ ସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତରେ ପରିଣତ; ଆଜି ରାତି ସୁଦ୍ଧା ପାରାଦ୍ୱୀପ-ଗୋପାଳପୁର ମଧ୍ୟରେ ଅତିକ୍ରମ କରିବ

## ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ

ଦେଶର ଦୁଇ ମହାନ ଜନନାୟକଙ୍କୁ ଆଜି ଦେଶବାସୀ ସ୍ମରଣ କରିଛନ୍ତି । ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ରାଷ୍ଟ୍ରନାୟକ ତଥା ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କର ଆଜି ହେଉଛି ଜନ୍ମଦିବସ । ୧୮୬୯ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିବା ଅହିଂସାର ପୂଜାରୀ ବାପୁଜୀ ଦେଶକୁ ଇଂରେଜ ଶାସନରୁ ମୁକ୍ତ କରିଥିଲେ । ମୁକ୍ତି ସଂଗ୍ରାମରେ ଗାନ୍ଧିଜୀ ସତ୍ୟ ଏବଂ ଅହିଂସା ଉପରେ ଆଧାରିତ ସତ୍ୟାଗ୍ରହକୁ ପ୍ରବର୍ତ୍ତନ କରିଥିଲେ । ଏହାର ପ୍ରଭାବ  ବର୍ତ୍ତମାନ ମଧ୍ୟ ସମଗ୍ର ବିଶ୍ୱ ଜନମାନସରେ ଗଭୀର ପ୍ରଭାବ ପକାଉଛି ।

ଆଉ ଜଣେ ମହାପୁରୁଷ ଲାଲବାହାଦୁର ଶାସ୍ତ୍ରୀ ୧୯୦୪ ମସିହା ଆଜିର ଦିନରେ ଉତ୍ତରପ୍ରଦେଶର ମୋଗଲସରାଇଠାରେ  ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ଗାନ୍ଧୀଜୀଙ୍କ ଜାତୀୟତା ପ୍ରେମରେ ଲାଲବାହାଦୁର ଶାସ୍ତ୍ରୀ  ଅନୁପ୍ରାଣିତ ହୋଇଥିଲେ । ବାପୁଜୀଙ୍କ ଡାକରାରେ ଶାସ୍ତ୍ରୀଜୀ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ । ସ୍ୱାଧୀନତା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସେ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଏବଂ ପରେ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ହୋଇଥିଲେ । ତାଙ୍କର ସ୍ଲୋଗାନ 'ଜୟ ଜବାନ-ଜୟ କିଷାନ' ଆଜି ମଧ୍ୟ ଦେଶବାସୀଙ୍କ ପାଖରେ ଅମର ବାଣୀ ହୋଇ ରହିଛି ।   ଗାଁରୁ ସହର ବିଭିନ୍ନ

ସ୍ଥାନରେ ଥିବା ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ, **ଉପରାଷ୍ଟ୍ରପତି** ସି.ପି.ରାଧାକ୍ରିଷ୍ଣନ, **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ, ଲୋକସଭା **ବାଚସ୍ପତି** ଓମ୍ ବିର୍ଲାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଦିଲ୍ଲୀର ରାଜଘାଟଠାରେ ରାଷ୍ଟ୍ରପିତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବାପୁଙ୍କ ସମାଧିସ୍ଥଳରେ ଏକ ସର୍ବଧର୍ମ ପ୍ରାର୍ଥନାସଭାର ଆୟୋଜନ କରାଯାଇଥିଲା। ଗାନ୍ଧୀଙ୍କ ନୀତି ଆଦର୍ଶ, ତ୍ୟାଗ ଓ ସେବା ପଥ ଅନୁସରଣ କଲେ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗାନ୍ଧି ଜୟନ୍ତୀ ଅବସରରେ ଆଜି ଓଡ଼ିଶା ବିଧାନସଭା ପରିସରରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ **ବାଚସ୍ପତି** ସୁରମା ପାଢ଼ୀ, **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରିମଣ୍ଡଳର ସଦସ୍ୟଗଣ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

**ବରଗଡ଼** ଜିଲ୍ଲା ସଦର ମହକୁମାଠାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଓ ଶାନ୍ତିଦୂତ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ୧୨୧ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି।

ସଭାରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦାନ କରି ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଦେଶ ଉଦ୍ଦେଶ୍ୟରେ ଥିବା ମହତ୍ତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

**ନବରଙ୍ଗପୁର** ଜିଲ୍ଲାର ରାଇଘରଠାରେ ଅନୁରୂପ ଭାବେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାର୍ଯ୍ୟକ୍ରମରେ ଯୋଗଦେଇ ଦୁଇ ମହାନ୍ ନେତା ଜନନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସେମାନଙ୍କର ନୀତି, ଆଦର୍ଶ ଓ ଦେଶ ଗଠନରେ ମହତ୍ତ୍ୱପୂର୍ଣ୍ଣ ଅବଦାନର ସ୍ମୃତିଚାରଣ କରିଥିଲେ। ଆଜିର ଏହି ସ୍ମରଣୀୟ ଦିବସ ଅବସରରେ ଜିଲ୍ଲାସ୍ତରୀୟ ନୂତନ ଗାନ୍ଧୀପାର୍କ ନବରଙ୍ଗପୁରଠାରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଲୋକାର୍ପଣ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ଓ ବିଧାୟକ ଉପସ୍ଥିତ ଥିଲେ।

**ନୟାଗଡ଼** ଜିଲ୍ଲା ସଦର ମହକୁମାଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପଠାଣୀସାମନ୍ତ ସଂସ୍କୃତିଭବନଠାରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା।

**କଟକ** ହାଇକୋର୍ଟ ପରିସରରେ ଥିବା ବାପୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ହାଇକୋର୍ଟର ବିଚାରପତି ବୃନ୍ଦ ଜାତିର ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଡେପୁଟୀ ସଲିସିଟର ଜେନେରାଲ, ଆଇନଜୀବୀ ଓ ହାଇକୋର୍ଟ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

**କୋରାପୁଟ** ସଦର ମହକୁମାରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଲାଲବାହାଦୂର ଶାସ୍ତ୍ରୀଙ୍କ ଜିଲ୍ଲାସ୍ତରୀୟ

ଜୟନ୍ତୀ ଉତ୍ସବ ପାଳନରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଅବଦାନ ସମ୍ପର୍କରେ  ସ୍ମୃତିଚାରଣ କରିଥିଲେ ।

**ସୁବର୍ଣ୍ଣପୁର** ଜିଲ୍ଲାର ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ସଦର ମହକୁମାସ୍ଥିତ ଗାନ୍ଧୀ ପଡିଆରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଏକ ସର୍ବଧର୍ମ ପ୍ରାର୍ଥନା ସଭା, ସଫେଇ ଓ ପଦଯାତ୍ରାର ଆୟୋଜନ କରାଯାଇଥିଲା ।

## ଗାନ୍ଧୀ ଜୟନ୍ତୀ-୨

**ଢେଙ୍କାନାଳ** ସହରର ଗାନ୍ଧୀ ପାର୍କ ପରିସରରେ ଜିଲ୍ଲାସ୍ତରୀୟ ମହତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ  କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲ ଏବଂ ଅନ୍ୟମାନେ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ଏକ ଶାନ୍ତି ସଭାର ଆୟୋଜନ କରାଯାଇଥିଲା । ଢେଙ୍କାନାଳସ୍ଥିତ ଭାରତୀୟ ଜନ ସଂଚାର ସଂସ୍ଥାନ-ଆଇଆଇଏମ୍‌ସି ତରଫରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ଢ଼େଙ୍କାନାଳ ପୌର ପରିଷଦର ସ୍ୱଚ୍ଛସାଥୀ ଓ କର୍ମୀମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ସହିତ ସମ୍ମାନୀତ କରାଯାଇଥିଲା । ସଂସ୍ଥାନର

ଆଂଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

**କଟକ** ସହରର ତେଲେଙ୍ଗାପେଣ୍ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦୁଇ ମହାପୁରୁଷଙ୍କର ଜନ୍ମଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ଦଶହରା-ରାବଣପୋଡି

ଅସତ୍ୟ ଉପରେ ସତ୍ୟ, ଅଧର୍ମ ଉପରେ ଧର୍ମ, ଅନ୍ୟାୟ ଉପରେ ନ୍ୟାୟ ଓ ପାପ ଉପରେ ପୂଣ୍ୟର ବିଜୟର ନିଦର୍ଶନ ସ୍ୱରୂପ ପ୍ରଭୁ ଶ୍ରୀରାମଙ୍କ ବିଜୟକୁ ସ୍ମରଣ କରି ଆଜି ବିଜୟାଦଶମୀ ପର୍ବ ପାଳନ କରାଯାଉଛି । ଦେବୀପୀଠ ଗୁଡ଼ିକରେ ଆଜି ବିଶ୍ରାମ ପାଳନ କରାଯାଉଛି । ପୂଜାମଣ୍ଡପ ଗୁଡ଼ିକରେ ଆଜି ଦଶହରା ପୂଜା ଏବଂ ଶାରଦୀୟ ପୂଜାର ଶେଷସନ୍ଧ୍ୟାରେ ପବିତ୍ର ବିଜୟାଦଶମୀ ଅବସରରେ ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଆୟୋଜନ କରାଯାଉଛି ।

**ସୁବର୍ଣ୍ଣପୁର** ଜିଲ୍ଲାର ଶତାଧିକ ମଣ୍ଡପରେ ମା' ଦେବୀ ଦୁର୍ଗାଙ୍କର ଅପରାଜିତା ପୂଜା ଅନୁଷ୍ଠିତ ହେଉଛି ।

## ପୁରୀ-ବିଜୟା ଦଶମୀ

**ପୁରୀ** ଶ୍ରୀମନ୍ଦିରରେ ବିଜୟା ଦଶମୀ ପର୍ବ ଅବସରରେ ଶ୍ରୀଜୀଉମାନେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି । ମହାପ୍ରଭୁଙ୍କ ଅବକାଶ

ନୀତି ପରେ ଚନ୍ଦନଲାଗି ଓ ନୂଆଲୁଗା ଲାଗି କରାଯିବା ପରେ ଶ୍ରୀଜୀଉଙ୍କୁ ସୁନାବେଶ କରାଯାଇଛି । ପ୍ରଭୁଙ୍କର ରାଜରାଜେଶ୍ୱର ବେଶ ଦର୍ଶନ କରିବା ମହାପୁଣ୍ୟ ବୋଲି ପୁରାଣଶାସ୍ତ୍ରରେ ବର୍ଣ୍ଣିତ ଅଛି । ଶ୍ରୀଜୀଉଙ୍କର ଏହି ଅନନ୍ୟ ଓ ଦୁର୍ଲଭ ବେଶକୁ ଦେଖିବା ପାଇଁ ପୁରୀରେ ଆଜି ଭକ୍ତଙ୍କ ସମାଗମ ହୋଇଛି ଏବଂ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ସେବାପର୍ବ-ନକ୍ସଲମୁକ୍ତ ଭାରତ

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଶୁଣିବା, ନକ୍ସଲମୁକ୍ତ ଭାରତ ଗଠନ ପାଇଁ କେନ୍ଦ୍ର ସରକାର ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ......

**Seba Parba Opening**

ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ବାମପନ୍ଥୀ ଉଗ୍ରବାଦ ପ୍ରତି ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସରକାରୀ ଯୋଜନାଗୁଡ଼ିକରେ ଶତପ୍ରତିଶତ କାର୍ଯ୍ୟାନ୍ୱୟନ ସହିତ ଉଗ୍ରବାଦ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସମ୍ପୂର୍ଣ୍ଣ ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଗତ ମାସରେ ସ୍ୱାଧୀନତା ଦିବସ

ଭାଷଣରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ନକ୍ସଲ ଏବଂ ମାଓବାଦ ଯୋଗୁଁ ଲାଲ୍ କରିଡର ଭାବେ ପରିଚିତ ଅଞ୍ଚଳଗୁଡ଼ିକ ଏବେ ସବୁଜ ବିକାଶର କରିଡରରେ ପରିଣତ ହେଉଛି।

**V/O–PM**

ବାମପନ୍ଥୀ ଉଗ୍ରବାଦ ଆହ୍ୱାନର ମୁକାବିଲା ପାଇଁ ସରକାର ଦୁଇଟି ମୁଖ୍ୟ ନୀତି କାର୍ଯ୍ୟକାରୀ କରିଛନ୍ତି। ହିଂସା ସମାପ୍ତ ପାଇଁ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ କଡ଼ାକଡ଼ି କରିବା ଏବଂ ସେହି ଅଞ୍ଚଳରେ ବାଧାପ୍ରାପ୍ତ ହେଉଥିବା ବିକାଶକୁ ପୁନଃ କାର୍ଯ୍ୟକ୍ଷମ କରିବା। ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକ ପାଇଁ ବଜେଟ୍‌ରେ ଅର୍ଥବରାଦ ୩୦୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ୨୦୦୪ରୁ ୨୦୧୪ ସମୟସୀମା ତୁଳନାରେ ନକ୍ସଲ ହିଂସା ଘଟଣା ବହୁ ପରିମାଣରେ ହ୍ରାସ ପାଇଛି। ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ନିରନ୍ତର ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ ପ୍ରତିବଦ୍ଧତା ଯୋଗୁଁ ବାମପନ୍ଥୀ ଉଗ୍ରବାଦ ମୁକ୍ତ ଭାରତର ଦୃଷ୍ଟିକୋଣ ପୂର୍ବ ଅପେକ୍ଷା ଅଧିକ ସୁଦୃଢ଼ ହୋଇଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଞ୍ଜନ ମିଶ୍ର

**Seba Parba Closing**

**ଧର୍ମେନ୍ଦ୍ର ପ୍ରଧାନ–ସମ୍ବଲପୁର ଗସ୍ତ**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଗସ୍ତରେ ଯାଇ ବିଭିନ୍ନ ପୂଜାମଣ୍ଡପ ବୁଲି ଦେଖିଥିଲେ। ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ୨୬ ଜଣ ନବଜାତ ଶିଶୁକନ୍ୟାମାନଙ୍କୁ ଭେଟିବା ସହିତ ୧୨୬ ଜଣ ଶିଶୁକନ୍ୟାଙ୍କୁ କିଟ୍ ବଣ୍ଟନ କରିଥିଲେ। ସେଠାରେ ଉପସ୍ଥିତ ଥିବା ଶିଶୁକନ୍ୟାମାନଙ୍କର ପିତାମାତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମ୍ବଲପୁର ଜିଲ୍ଲାରେ ପ୍ରତି ୧ ହଜାର ପୁରୁଷରେ ୧ ହଜାର ୭୬ ଜଣ ମହିଳା ଥିବା ଜଣାପଡିଛି। ମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ଅନୁପାତକୁ ଆନନ୍ଦର ବିଷୟ ବୋଲି କହିଛନ୍ତି। ପରେ ପରେ ମନ୍ତ୍ରୀ ଶ୍ରୀ ପ୍ରଧାନ କନ୍ୟାପୂଜନ ଉତ୍ସବରେ ଯୋଗଦେଇଥିଲେ।

## ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହୋଇଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଅବପାତ ପାରାଦ୍ୱୀପ ଏବଂ ଗୋପାଳପୁର ମଧ୍ୟରେ ଆଜି ରାତି ସୁଦ୍ଧା ଅତିକ୍ରମ କରିବ। ଏହାର ପ୍ରଭାବରେ ଆଜି ଏବଂ ଆସନ୍ତାକାଲି ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ସହ ଅଧିକ ବେଗରେ ପବନ ବହିବାର ସମ୍ଭାବନା ଅଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଏଥିସହିତ ରାଜ୍ୟର ସମସ୍ତ ବନ୍ଦରଗୁଡ଼ିକରେ ୩ ନମ୍ବର ବିପଦ ସଂକେତ ଜାରି କରାଯାଇଛି।